## ହଷ୍ଟେଲରେ ଛାତ୍ର ଅଶାନ୍ତି

ଉଦଳା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ଅଧୀନ ଭୁରୁଡୁବଣି ନିକଟସ୍ଥ ଅନ୍ୱେଷା ଛାତ୍ରାବାସରେ ଛାତ୍ର ଅଶାନ୍ତି ଦେଖା ଦେଇଛି। ଅନ୍ତେବାସୀଙ୍କୁ ମେନ୍ୟୁ ଅନୁସାରେ ଖାଇବା ଦିଆଯାଉ ନ ଥିବା ବେଳେ ଅନେକ ସମୟରେ ବାସିଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଏହା ସହିତ ବଦଳି ହୋଇଥିବା ସୁପରିଣ୍ଟେଣ୍ଡେଣ୍ଟ ଏବେ ବି ହଷ୍ଟେଲ ଆସୁଥିବା ବେଳେ ସେ ଅନ୍ତେବାସୀଙ୍କ ଖାଇବା କଥା ବୁଝୁଛନ୍ତି। ଅନେକ ସମୟରେ ଛାତ୍ରମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆ ଯାଉଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସାଉନା ମାଝୀ ଅସ୍ୱୀକାର କରିଛନ୍ତି।

## ସଂକ୍ଷେପରେ

### ଗୋଟିଏ ଜୁଇରେ ସ୍ତ୍ରୀ-ସ୍ୱାମୀ

କୁଳିଅଣା,୧୯।୯(ସ୍ୱ.ପ୍ର.)- ସ୍ତ୍ରୀଙ୍କ ଶେଷକୃତ୍ୟ ଚାଲିଥିବା ବେଳେ ସ୍ୱାମୀ ଆଖି ବୁଜିଦେଲେ। ଆତ୍ମୀୟ ସ୍ୱଜନ ଉଭୟଙ୍କୁ ଗୋଟିଏ ଜୁଇରେ ଲଦି ସତ୍କାର କଲେ। ଏଭଳି ଦୁଃଖଦ ଘଟଣା ଘଟିଛି ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ମାରାଂଡାଣ୍ଡି ପଞ୍ଚାୟତ ଅଧୀନ ଭୂୟାଁଗୋଡ଼ା ଗ୍ରାମରେ। ଏହି ଗ୍ରାମର ଦୁଲାରୀ ଟୁଡୁ(୬୫) ରବିବାର ସକାଳେ ଜଳଖିଆ ଖାଇସାରି ଖଟରେ ବସିଥିବା ବେଳେ ହଠାତ ଅସୁସ୍ଥ ହୋଇ ପଡ଼ିବା ସହ ମୃତ୍ୟୁବରଣ କରିଥିଲେ। ଆତ୍ମୀୟ ସ୍ୱଜନ ଏକଜୁଟ ହୋଇ ଅନ୍ତେଷ୍ଟିକ୍ରିୟା ପାଇଁ ମଶାଣିକୁ ଯାଇଥିଲେ। କିନ୍ତୁ ବିଧିରବିଧାନ ଥିଲା ବିଚିତ୍ର। ମଶାଣିରେ ଦୁଲାରୀଙ୍କ ଶବଦାହ ଚାଲିଥିବା ବେଳେ ସ୍ୱାମୀ ମିରଜା ଟୁଡୁ (୭୦) ଆଖିବୁଜି ଦେଇଥିଲେ। ପରେ ତାଙ୍କ ମୃତଦେହକୁ ମଶାଣିକୁ ନେଇ ଜଳୁଥିବା ଜୁଇରେ ଦାହ କରାଯାଇଥିଲା। ଏଭଳି ମୃତ୍ୟୁ ଖବର ଶୁଣି ଅଞ୍ଚଳବାସୀ ଶୋକ ପ୍ରକାଶ କରିଥିବା ବେଳେ ଏହା ବିଧି ନିର୍ଦ୍ଦେଶ ଥିଲା ବୋଲି ପରିବାର ଲୋକେ ଧରି ନେଇଛନ୍ତି। ମୃତ ଦମ୍ପତିଙ୍କର ୩ ପୁଅ ଏବଂ ନାତିନାତୁଣୀ ମିଶି ୯ଜଣ ସଦସ୍ୟ ଅଛନ୍ତି।

### ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିର ୩ ବହିଷ୍କୃତ

ପଦ୍ମପୁର,୧୯।୯(ଡି.ଏନ.ଏ.)-ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିର ୩ ନେତାଙ୍କୁ ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ସୋମବାର ବହିଷ୍କୃତ କରିଛନ୍ତି। ସେମାନେ ହେଲେ ଶ୍ୟାମସୁନ୍ଦରପୁର ଗ୍ରାମର ଦଳୀୟ ନେତା ସୁବାଶିଷ ଦାସ, ଶିବାଶିଷ ଦାସ ଓ ଈଶ୍ୱରପୁର ଗ୍ରାମର ମୁରଲୀଧର ମଲ୍ଲିକ।

ସୂଚନା ଅନୁଯାୟୀ, ସୁବାଶିଷ ପଞ୍ଚାୟତ ନିର୍ବାଚନରେ ଦଳ ସମର୍ଥିତ ସରପଞ୍ଚ ପ୍ରାର୍ଥୀଙ୍କ ବିରୋଧରେ ପ୍ରାର୍ଥୀ ହୋଇ ଦଳ ବିରୋଧୀ କାର୍ଯ୍ୟ କରିଥିଲେ। ସେହିପରି ସମବାୟ ସଭାପତି ନିର୍ବାଚନରେ ମୁରଲୀଧର ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏନେଇ ବ୍ଲକ ସଭାପତି ରଘୁନାଥ ପଣ୍ଡା ଦଳର ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ ଓ ଜିଲା ସଭାପତି ସ୍ୱାଇଁଙ୍କୁ ଅବଗତ କରାଇଥିଲେ।

### ବେଆଇନ କ୍ରଶରରେ ଚଢ଼ାଉ ଘଟଣା
### ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

ଆନନ୍ଦପୁର,୧୯।୯ (ସ୍ୱ.ପ୍ର.)-କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ତହସିଲ ଅଧୀନ ଗୋହିରା ପଞ୍ଚାୟତ ଅଧୀନ କଲାବିଲାଠାରେ ଥିବା ଏକ କ୍ରସର ପରିଚାଳନା ନେଇ ପ୍ରଶାସନ ପକ୍ଷରୁ ଗତ ମଙ୍ଗଳବାର ଚଢ଼ାଉ କରାଯାଇ ସିଲ୍ କରାଯାଇଥିଲା। ଚଢ଼ାଉରେ ଗଚ୍ଛିତ ଲଘୁ ଖଣିଜ ସମ୍ପଦ ସହିତ ଏକ ଡମ୍ପର ଜବତ କରାଯାଇଥିଲା। ଜବତ ସାମଗ୍ରୀକୁ ଆଧାର କରି ୧୨ ଲକ୍ଷ ୧୯ ହଜାର ୧୪ ଟଙ୍କା ଜରିମାନା ସହିତ ୪ଟି ମାମଲା ରୁଜୁ କରାଯାଇଥିବା ଘସିପୁରା ତହସିଲଦାର ବବୁଲ ପେରେଇ ସୂଚନା ଦେଇଛନ୍ତି। ଘସିପୁରା ତହସିଲ ଚିଠି (ନଂ. ୪୫୦୦/୧୩) ସେପ୍ଟେମ୍ବର ୨୦୨୨ ଆଧାରରେ କ୍ରଶରକୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ପାଇଁ ଆନନ୍ଦପୁର ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ତହସିଲ ପକ୍ଷରୁ ଅବଗତ କରାଯାଇଛି।

### ବାଇକ୍ ଧକ୍କାରେ ଜଣଙ୍କ ମୃତ୍ୟୁ

ପାଟଣା,୧୯।୯(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ଉଦୟପୁର ରାସ୍ତାର ଗୁଜି ଟାଙ୍ଗିରି ହନୁମାନ ମୂର୍ତ୍ତି ନିକଟରେ ରବିବାର ରାତିରେ ବାଇକ୍ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ହେଉଛନ୍ତି ସାହାରପଡ଼ା ବ୍ଲକ୍ ଉଦୟପୁର ପାତ୍ର ସାହିର କୁଶଧ୍ୱଜ ପାତ୍ର(୫୪)। ସେ ବସ୍ କଣ୍ଡକ୍ଟର ଭାବେ କାର୍ଯ୍ୟ କରୁଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ରାସ୍ତା ପାରି ହେଉଥିବା ବେଳେ ସାହାରପଡ଼ା ପାର୍ଶ୍ୱରୁ ଦ୍ରୁତ ଗତିରେ ବାଇକ୍‌ରେ ଯାଉଥିବା ୩ ଯୁବକ ତାଙ୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ କୁଶଙ୍କ ମୁଣ୍ଡ ପଛ ପାର୍ଶ୍ୱରେ ଗଭୀର କ୍ଷତ ହୋଇଥିଲା। ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପାଟଣା ଥାନାରେ ଏକ ମାମଲା (ନଂ.୨୦୨/୨୨) ରୁଜୁ ହୋଇଛି।

# ‘ସଶକ୍ତ ହେବ ମହିଳା, ଶିଶୁ ଡେସ୍କ’

### ସହଯୋଗ, ସହାୟତା ପାଇଁ କର୍ମଶାଳା

ବାଲେଶ୍ୱର ଅଫିସ, ୧୯।୯



କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ରେମୁଣା ବାମପଦାସ୍ଥିତ ନୋସି ବିଜିନେସ ପାର୍କ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିଭାଗ ଏବଂ ୟୁନିସେଫ୍ ସହଯୋଗରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଭୁବନେଶ୍ୱର ପକ୍ଷରୁ ମହିଳା ଏବଂ ଶିଶୁ ଅପରାଧର ଅନୁସନ୍ଧାନ ମାର୍ଗଦର୍ଶିକାର ସଚେତନତା କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଛି। ଏଥିରେ ୫ଟି ଜିଲା (ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ) ଥାନାରେ କାର୍ଯ୍ୟ କରୁଥିବା ମହିଳା ଓ ଶିଶୁ ଡେସ୍କର ଅଧିକାରୀ ଏବଂ ଇଣ୍ଟିଗ୍ରେଟେଡ୍ ଟ୍ରାଫିକ୍ ୟୁନିଟ୍‌ରେ ନିୟୋଜିତ ଅଧିକାରୀମାନେ ଯୋଗଦେଇଛନ୍ତି। ଏହି କର୍ମଶାଳା ୨ଦିନ ଧରି ଚାଲୁ ରହିବ। ଅଭିଜ୍ଞ ଅଧିକାରୀମାନେ ମହିଳା ଓ ଶିଶୁ ଅପରାଧ ନିରାକରଣ ଉପରେ ବ୍ୟାଖ୍ୟା କରି ଭବିଷ୍ୟତରେ ଏହାକୁ ସରଳ ଉପାୟରେ ଆଇନର ଦିଗକୁ ବୁଝାଇବା, ତଦନ୍ତ ପ୍ରକ୍ରିୟା ଓ କ୍ଷତିପୂରଣ ବାବଦରେ ସାହାଯ୍ୟ କରିପାରିବାର ଲକ୍ଷ୍ୟ ନେଇ କର୍ମଶାଳା ଆୟୋଜିତ ହୋଇଛି। ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ୍ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଶିକ୍ଷକ ଭାବେ ସିନିୟର ପ୍ରୋଗ୍ରାମ କୋର୍ଡିନେଟର ତଥା ଓଡ଼ିଶାର ଚାଇଲ୍ଡଲାଇନ୍ ମୁଖ୍ୟ ଅର୍କା ଲାହା, ସିନିୟର ପ୍ରୋଗ୍ରାମ କୋର୍ଡ଼ିନେଟର କୋକେରାଗଡ୍ଡା ରମେଶ ଓ ସିନିୟର ପ୍ରୋଗ୍ରାମ କୋର୍ଡ଼ିନେଟର ତଥା ତେଲେଙ୍ଗାନାର ଚାଇଲ୍ଡ ଲା A ଇନ୍ ମୁଖ୍ୟ ରାଜୁ କୋଟାଇ ଯୋଗଦେଇ ମହିଳା ଓ ଶିଶୁଙ୍କ ଉପରେ ଦେଶର ପ୍ରଣୟନ ହୋଇଥିବା ଆଇନ ଓ ସହାୟତା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ତଥା ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଭୁବନେଶ୍ୱରର ରେଖା ଲୋହାନି କହନ୍ତି, ମହିଳା ଓ ଶିଶୁ ଡେସ୍କର ଅବସ୍ଥାପିତ ଲୋକମାନଙ୍କୁ ନେଇ ସମ୍ବେଦନଶୀଳ ସମ୍ମିଳନୀ ଆୟୋଜିତ ହେଉଛି। ବାଲେଶ୍ୱରରେ ସୋମବାର ଏବଂ ମଙ୍ଗଳବାର ୫ଟି ଜିଲାକୁ ନେଇ କରାଯାଉଛି। ସୋମବାର ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଏବଂ ମଙ୍ଗଳବାର କେନ୍ଦୁଝର ଓ ମୟୂରଭଞ୍ଜର ଅଧିକାରୀମାନଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହେବ। ପୋଲିସ ସାଙ୍ଗରେ ମିଶି ଇଣ୍ଟିଗ୍ରେଟେଡ୍ ଟ୍ରାଫିକ୍ ୟୁନିଟ୍‌ର ଲୋକମାନେ କିପରି ଭଲ ଭାବେ କାର୍ଯ୍ୟ କରିପାରିବେ ଆଲୋଚନା ହୋଇଛି। ଗତ ୨୦୦୫ରୁ ମହିଳା ଓ ଶିଶୁ ଡେସ୍କ ୪୦ଟି ଥାନାରେ ଆରମ୍ଭ ହୋଇଥିବା ବେଳେ ସମୟକ୍ରମେ ବଢ଼ି ବଢ଼ି ବର୍ତ୍ତମାନ ୬୦୮ ପୋଲିସ ଷ୍ଟେସନରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟକ୍ଷମ କରୁଛି। କେବଳ ସଂଖ୍ୟା ନୁହେଁ ଉପଯୁକ୍ତ ପ୍ରଶିକ୍ଷଣ, ଆସବାବପତ୍ର ଓ ଭିତ୍ତିଭୂମି ମଧ୍ୟ ଯୋଗାଇ ଦିଆଯାଉଛି। ଏହାକୁ ସଶକ୍ତ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରୟାସ ଜାରି ରହିଛି। ସମସ୍ତ ଥାନାରେ ଏହି ବିଭାଗର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି।

## ବାପା ମୃତ: ମା’ ଦୁଇ ପୁଅ ଗୁରୁତର

### ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ

ବସ୍ତା, ୧୯।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ୬୦ନଂ. ଜାତୀୟ ରାଜପଥର ବସ୍ତା ଛକ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଓ ଦୁଇ ପୁଅ ଗୁରୁତର ହୋଇଛନ୍ତି। ଆହତ ୩ଜଣଙ୍କୁ ଚିକିତ୍ସା ଲାଗି ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଡଗରା ଅଞ୍ଚଳର ଉପେନ୍ଦ୍ର ଜେନା, ସ୍ତ୍ରୀ ଓ ଦୁଇପୁଅଙ୍କ ସହ ବାଇକ ଯୋଗେ ଅମର୍ଦ୍ଦା ଅଭିମୁଖେ ଯାଉଥିବା ବେଳେ ଗାନ୍ଧିଛକ-ବସ୍ତା ମୁଖ୍ୟ ରାସ୍ତାରେ ଜଳେଶ୍ୱର ପଟୁ ଆସୁଥିବା ଏକ ପିକଅପ ଭ୍ୟାନ ସାମ୍ନା ପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଉପେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ସ୍ତ୍ରୀ ଓ ଦୁଇ ପୁଅ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

## ନିର୍ଭୁଲ୍ ଭୋଟର ତାଲିକା ପାଇଁ ବୁଲିଲା ସଚେତନତା ରଥ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ବାଲେଶ୍ୱର ଅଫିସ, ୧୯।୯

ବାଲେଶ୍ୱର ଜିଲା ସଦର ମହକୁମାସ୍ଥିତ ସର୍କିଟ ହାଉସ୍‌ଠାରେ ନିର୍ଭୁଲ ଭୋଟର ତାଲିକା ପାଇଁ ପ୍ରସ୍ତୁତ କରାଯାଇଥିବା ସଚେତନତା ରଥକୁ ସୋମବାର ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନି ଏବଂ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଭୋଟର ପରିଚୟପତ୍ର ସହ ଆଧାର ନମ୍ବର ସଂଯୋଗ ନିମନ୍ତେ ରାଜ୍ୟ ସରକାର ସମସ୍ତ ନାଗରିକଙ୍କୁ ଅନୁରୋଧ କରିଛନ୍ତି। ସମସ୍ତ ନାଗରିକ ପ୍ରଥମେ ଏହି ସଂଯୋଗୀକରଣର ଆବଶ୍ୟକତା ବିଷୟରେ ସଚେତନ ହେବା ଜରୁରୀ। ଏହା କାର୍ଯ୍ୟକ୍ରମର ଅଂଶସ୍ୱରୂପ ବୋଲି ଲୋହାନି କହିଛନ୍ତି।

ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଭୋଟର ପରିଚୟପତ୍ର ସହ ଆଧାର ନମ୍ବର ସଂଯୋଗ କରିବା ନିତାନ୍ତ ଜରୁରୀ। ଅନେକ ଭୋଟରଙ୍କର ଏକାଧିକ ସ୍ଥାନରେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ଥିବାରୁ ଅନେକ ଭୋଟରଙ୍କର ନାମ ତାଲିକାରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିଯାଉଛି। ଏହି ସମସ୍ୟାର ସମାଧାନ କରି ଏକ ସମ୍ପୂର୍ଣ୍ଣ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ନିମନ୍ତେ ଭୋଟର ପରିଚୟପତ୍ର ସହ ଆଧାର ନମ୍ବର ସଂଯୋଗ କରିବା ଜରୁରୀ ହୋଇପଡ଼ିଛି। ଏଥିପାଇଁ ଭୋଟର ସଚେତନତା ରଥ ପ୍ରତ୍ୟେକ ଜନସମାଗମ ସ୍ଥାନରେ ରହି ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। ଭୋଟରମାନେ ଭୋଟର ହେଲ୍ପଲାଇନ ଆପ ଡାଉନ୍‌ଲୋଡ୍ କରି ତା’ ମାଧ୍ୟମରେ କିମ୍ବା ବିଏଲ୍‌ଓଙ୍କ ଜରିଆରେ ଭୋଟର ପରିଚୟପତ୍ର ସହ ଆଧାର ନମ୍ବର ସଂଯୋଗ କରିପାରିବେ। ସାରା ରାଜ୍ୟରେ ୩ ମାସ ଧରି ଚାଲିବ। ବାଲେଶ୍ୱର ଜିଲାରେ ଦୁଇଟି ରଥ ମାଧ୍ୟମରେ ୧୨ଟି ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ସଚେତନତା ସୃଷ୍ଟି କରାଯିବ। ବାଲେଶ୍ୱର ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଗଣମାଧ୍ୟମ ପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଚାରା ରୋପଣ, ସଫେଇ କାର୍ଯ୍ୟକ୍ରମ

ବେତନଟୀ,୧୯।୯(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ନଡ଼ପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନେହେରୁ ଯୁବକେନ୍ଦ୍ର ଏବଂ ଆଗ୍ରିଆ ଅଞ୍ଚଳର ବୀଣାପାଣି ଯୁବକସଂଘ ପକ୍ଷରୁ ଚାରା ରୋପଣ ଓ ସଫେଇ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ କରାଯାଇଛି। ନେହେରୁ ଯୁବକନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ସ୍ୱେଚ୍ଛାସେବୀ ସାଇରଞ୍ଜନ ଲେଙ୍କା ଏବଂ ସୁପ୍ରିତି ମହାପାତ୍ରଙ୍କ ସମେତ ବୀଣାପାଣି ଯୁବକସଂଘର ସଭାପତି ଶିବନାରାୟଣ ଘୋଷ ଏବଂ ସାଧାରଣ ସମ୍ପାଦକ ଜୀବନ କୁମାର ପରିଡ଼ାଙ୍କ ସଂଯୋଜନା ଏବଂ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ନଡ଼ପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଆଗରିଆ ସରପଞ୍ଚ ମିନତୀ ସିଂ, ସମିତି ସଭ୍ୟ ଶୁଭମ ମହାକୁଡ଼, ଜିଏସ୍‌ଏମ୍ ମମତା ମହାନ୍ତ, ସମାଜସେବୀ ଅଶୋକ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ‘ଅଶୋକ ଥିଲେ ସୃଜନକଳାର ମହକ’

ଭଦ୍ରକ ଅଫିସ, ୧୯।୯

ଉଭୟ କବିତା ଓ ଚିତ୍ରକଳା ଜଗତରେ ଅନୁପମ କାରିଗର ଥିଲେ ଚିତ୍ରଶିଳ୍ପୀ ସ୍ୱର୍ଗତ ଅଶୋକ ମହାନ୍ତି। ରାଜ୍ୟ ଲଳିତ କଳା ଏକାଡେମୀ ପକ୍ଷରୁ ୨୦୨୦ରେ ସେ ଶିଳ୍ପୀ ସମ୍ବର୍ଦ୍ଧନା ପାଇଥିଲେ। ବାସ୍ତବରେ ସେ ସୃଜନକଳାର ମହକ ଥିଲେ ବୋଲି ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପରେ ରବିବାର ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ପକ୍ଷରୁ ଅନୁଷ୍ଠିତ ସ୍ମୃତିସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ଗାଳ୍ପିକ ଶୈଳେନ୍ଦ୍ର ମହାପାତ୍ର, ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ପ୍ରାଧ୍ୟାପକ ଡ. ଶଶଧର ଦାସ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ନାଟ୍ୟକାର ସୁଧାକର ନନ୍ଦ ଓ ପାଳିଆବିନ୍ଧା କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ଡା. ପ୍ରଦୀପ କୁମାର ନାୟକ, ବିଚିତ୍ରାନନ୍ଦ ମହାନ୍ତି, ଶିଳ୍ପୀ ଅଚ୍ୟୁତାନନ୍ଦ ଦାସ, ରୂପକ ବିହାରୀ ରାୟ, ହରିଶ୍ ଦାସ, ଅଧିବକ୍ତା ଗଦାଧର ବଳ, ଡ. ଅଭୟ କୁମାର ଦାସ, ଶିଳ୍ପୀ ରତିକାନ୍ତ ଦାସ, ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ଡ. ରାଧାବିନୋଦ ନାୟକ, ଡ. ରାଧାରାଣୀ ମହାପାତ୍ର, ଗବେଷକ ଭାଗବତ ତ୍ରିପାଠୀ, ଅଧ୍ୟାପକ ନିହାର ରଞ୍ଜନ କର, ପବନ ଶର୍ମା, ଲଲାଟେନ୍ଦୁ ମହାନ୍ତି, ପଦ୍ମନ ରାୟ, ସ୍ୱର୍ଗତ ମହାନ୍ତିଙ୍କ କନିଷ୍ଠ ଭ୍ରାତା ଅଜୟ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଗୌରାଙ୍ଗ ବାରିକ, ଚର୍ଚ୍ଚିକା ମହାପାତ୍ର ଓ ଲକ୍ଷ୍ମୀକାନ୍ତ ବାରିକ ସଭା ସଞ୍ଚାଳନା କରିଥିଲେ। ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସମ୍ପାଦକ ସୁଧାକର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।



ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

## ନିଶା ନିବାରଣ ସଚେତନତା

ଧୂଷୁରୀ, ୧୯।୯

ଓଡ଼ିଶା ମିଳିତ ନିଶା ନିବାରଣ ଅଭିଯାନର ଭଦ୍ରକ ଜିଲା ଧାମନଗର ବ୍ଲକ ଶାଖା ଆନୁକୂଲ୍ୟରେ ରବିବାର ମା’ ଶାରଦା ଦେବୀ ମହାବିଦ୍ୟାଳୟ ପରିସରରେ ନିଶା ନିବାରଣ ସଚେତନତା ସଭା ଓ ବ୍ଲକ ନିଶା ନିବାରଣ ସମିତି ପରିଚାଳନା କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ନିରାକାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସଙ୍ଗଠନର ରାଜ୍ୟ ଉପସଭାପତି ଖଗେଶ୍ୱର ବଳ, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ଜିଲା ଉପସଭାପତି ଅଗଣି କୁମାର ଜେନା ଓ ଅମର ପାଣିଗ୍ରାହୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ଦେବାଶିଷ ସାମଲ, ଅବସରପ୍ରାପ୍ତ ଅଧକ୍ଷ ବିଶ୍ୱରଞ୍ଜନ ଦାସ, ପୂର୍ବତନ ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ, ଅଧ୍ୟାପକ ଶ୍ରୀଧର ସାହୁ, ନାରାୟଣ ରାଉତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ, ନିରାକାର ଧଳ, ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ମୀର ଅବଦୁଲ, ବିବେକାନନ୍ଦ ପତି, ହେମେନ୍ଦ୍ର ମହାନ୍ତି, ଦାମୋଦର ସାହୁ, ଦୁର୍ଯ୍ୟୋଧନ ତରାଇ, ନିର୍ମଳ ଦାସ, ଖବରଦାତା ପ୍ରଦୀପ ମହାପାତ୍ର, ମହେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ଅବସରପ୍ରାପ୍ତ ଅଧାପକ ସଚ୍ଚିକାନ୍ତ ପଣ୍ଡା ସଭାପତି, ଆଇନଜୀବୀ ରମେଶ ବେହେରା ସମ୍ପାଦକ, ଆଇନଜୀବୀ ଦେବାଶିଷ ସାମଲ ଉପସଭାପତି ଓ ନିରାକାର ଧଳ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

## ଲକର ଖୋଲି ନ ପାରି ଲୁଟିନେଲେ ୫ କଏନ ବସ୍ତା

### ଷ୍ଟେଟ ବ୍ୟାଙ୍କରେ ଡକାୟତି

ବସ୍ତା, ୧୯।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ମୁକୁଲିସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଶନିବାର ରାତିରେ ଡକାୟତି ହୋଇଥିବା ଜଣାପଡିଛି। ରବିବାର ଛୁଟି ଥିବାରୁ ଏହା ଜଣାପଡି ନ ଥିଲା। ସୋମବାର ବ୍ୟାଙ୍କ କର୍ତ୍ତୃପକ୍ଷ ଆସିବା ପରେ ଘଟଣା ବିଷୟରେ ଜଣାପଡିଥିଲା। ଦୁର୍ବୃତ୍ତମାନେ ଲକର ଖୋଲି ନ ପାରି ପାଖରେ ଥିବା ୫ଟି କଏନ ବସ୍ତା ନେଇଯାଇଥିବା ଜଣାପଡିଛି। ଏହି ବସ୍ତାରେ ୫ଟଙ୍କିଆ ଏବଂ ୧୦ଟଙ୍କିଆ କଏନ ଥିଲା। ଏହାର ମୂଲ୍ୟ ପାଖାପାଖି ୧ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂଚନା ଦେଇଛି।

ଶନିବାର ବ୍ୟାଙ୍କରୁ କାମ ସାରି କର୍ମଚାରୀମାନେ ଚାଲିଯିବା ପରେ ଦୁର୍ବୃତ୍ତମାନେ ପଛ ଗେଟ ଭାଙ୍ଗି ପଶିଥିଲେ। ସେମାନେ ପ୍ରଥମେ ସିସିଟିଭି ତାରକୁ କାଟି ଦେଇଥିବା ଫୁଟେଜରୁ ଜଣାପଡିଛି। ସୋମବାର ବ୍ୟାଙ୍କ ଖୋଲିବା କ୍ଷଣି ଏହା ଜଣାପଡିବା ପରେ ତୁରନ୍ତ ବସ୍ତା ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି। ତଦନ୍ତ ପରେ ଚୋରି ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି।

## ଇଣ୍ଡିଆନ୍ ସ୍ୱଚ୍ଛତା ଲିଗ୍ କାର୍ଯ୍ୟକ୍ରମ



ଏନଏସି ପକ୍ଷରୁ ବାହାରିଥିବା ସ୍ୱଚ୍ଛତା ଲିଗ୍।

ଚମ୍ପୁଆ,୧୯।୯(ଡି.ଏନ୍.ଏ)

ଚମ୍ପୁଆ ଏନ୍‌ଏସି ପକ୍ଷରୁ ସ୍ୱଚ୍ଛ ଭାରତ ପରିପ୍ରେକ୍ଷୀରେ ଇଣ୍ଡିଆନ୍ ସ୍ୱଚ୍ଛତା ଲିଗ୍ କାର୍ଯ୍ୟକ୍ରମ ଏନ୍‌ଏସି କାର୍ଯ୍ୟାଳୟରେ ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବା ନେଇ ଏନ୍‌ସି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସିଟି ମିଶନ ମ୍ୟାନେଜର ଅନନ୍ତ ଚରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜରଙ୍କୁ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନିୟର ସାନିଷ୍ଟେସନ ଏକ୍ସପର୍ଟ ଶତିଶ ମହାନ୍ତି ଓ କମ୍ୟୁନିଟି ସଂଯୋଜକ ସ୍ୱର୍ଣ୍ଣପ୍ରଭା ମହାରଣା ଯୋଗ ଦେଇଥିଲେ। ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଗଠନ ଓ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବ୍ୟବହାର ନ କରିବା, ଆବର୍ଜନାକୁ ପୃଥକ କରି ହସ୍ତାନ୍ତର କରିବା ଲକ୍ଷ୍ୟ ନେଇ ସହରବାସୀଙ୍କୁ ସଚେତନ କରିବା ସ୍ୱଚ୍ଛତା ଲିଗ୍‌ର ଉଦ୍ଦେଶ୍ୟ।

## ବାର୍‌ହା ଶିକାର ଘଟଣାରେ ଆଉ ୪ ଅଟକ

ପାଟଣା,୧୯।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ପଦ୍ମପୁର ସଂରକ୍ଷିତ ଜଙ୍ଗଲରେ ଗତ ଶନିବାର ବୋମା ପକାଇ ବାର୍‌ହା ଶିକାର ଅଭିଯୋଗରେ ବନବିଭାଗ ସୋମବାର ଆଉ ୪ ଜଣଙ୍କୁ ଅଟକ ରଖିଛି। ଅଟକ ଅଭିଯୁକ୍ତ ପାଟଣା ବ୍ଲକ୍ ଯମୁନା ପଶି ପଞ୍ଚାୟତ ବରୁ ପଶି ଗ୍ରାମର ମଙ୍ଗୁଲୁ ଚରଣ ନାଏକ(୪୦), ଘନଶ୍ୟାମ ନାଏକ(୪୬), ରୁପନେଶ୍ୱର ନାଏକ(୨୭) ଓ ପଦ୍ମପୁର ଗ୍ରାମର ତ୍ରିନାଥ ମୁଣ୍ଡା(୫୦)। ଏମାନଙ୍କଠାରୁ ବନ ବିଭାଗ ମୃତ ବାର୍‌ହାର ଦାନ୍ତ, ମୁଣ୍ଡର ଅଂଶବିଶେଷ, ଚର୍ମ, ଲୋମ ଜବତ କରିବା ସହ ରକ୍ତ ଛିଟା ସ୍ଥାନ ଚିହ୍ନଟ କରିଛି। ସମସ୍ତ ଅଭିଯୁକ୍ତ ବାର୍‌ହା ଶିକାର କରି ତା’ ମାଂସ ରାନ୍ଧି ଖାଇବା ସହ କେତେକ ଲୋକଙ୍କୁ ବିକ୍ରି କରିଥିବା ସ୍ୱୀକାର କରିଛନ୍ତି ବୋଲି ରେଞ୍ଜର ଘାସିନାଥ ପାତ୍ର ସୂଚନା ଦେଇଛନ୍ତି।

## ଥାନା ପ୍ରତିଷ୍ଠା ନେଇ ତେଜୁଛି ଅସନ୍ତୋଷ

### ଗୋପବନ୍ଧୁ ନଗର ବ୍ଲକକୁ ଅଣଦେଖା

କୁଆମରା,୧୯।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକରେ ଥାନା ପ୍ରତିଷ୍ଠା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏହାକୁ ଅଣଦେଖା କରି ଆସୁଛନ୍ତି। ରାଜ୍ୟରେ ନୂତନ ଭାବେ ୩୬ଟି ଥାନା ଖୋଲିବାକୁ ଘୋଷଣା ହୋଇଥିବା ବେଳେ ଗୋପବନ୍ଧୁନଗର ବ୍ଲକ ଏଥିରୁ ବାଦ୍ ପଡ଼ିଛି। ଜିଲାରେ ଏକମାତ୍ର ବାରିପଦା ନିକଟବର୍ତ୍ତୀ ଭଞ୍ଜପୁରଠାରେ ଥାନା ପ୍ରତିଷ୍ଠା ଲାଗି ଘୋଷଣା କରାଯାଇଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସହ ପ୍ରଶାସନିକ ସ୍ଥାଣୁତା ଯୋଗୁ ଗୋପବନ୍ଧୁ ନଗର ବ୍ଲକରେ ଥାନା ପ୍ରତିଷ୍ଠା ହୋଇ ପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ତେଜିବାରେ ଲାଗିଛି।

ସୂଚନାଯୋଗ୍ୟ, ପ୍ରତି ବ୍ଲକରେ ଗୋଟିଏ ଥାନା ପ୍ରତିଷ୍ଠା ହେବ, ଆବଶ୍ୟକ ସ୍ଥଳେ ଅଧିକ ଲୋକସଂଖ୍ୟା ବିଶିଷ୍ଟ ବ୍ଲକମାନଙ୍କରେ ଦୁଇଟି ଥାନା ପ୍ରତିଷ୍ଠା ହୋଇ ପାରିବ ବୋଲି ଓଡ଼ିଶା ସରକାର ୨୦୦୮ରେ ଘୋଷଣା କରିଥିଲେ। ମାତ୍ର ଗୋପବନ୍ଧୁ ନଗର ବ୍ଲକରେ ଥାନା ପ୍ରତିଷ୍ଠା ହୋଇ ନ ପାରିବା ବିଡମ୍ବନାର ବିଷୟ। ତେବେ ବ୍ଲକର ମଧ୍ୟ ସ୍ଥଳୀ ସ୍ଥାନ କିମ୍ବା ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏକ ଥାନା ପ୍ରତିଷ୍ଠା କରାଯିବାକୁ ଦାବି ହୋଇ ଆସୁଛି। ବହୁ ପୂର୍ବରୁ ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକକୁ ନେଇ ଗୋଟିଏ ଥାନା ଖୁଣ୍ଟାଠାରେ ଅବସ୍ଥାପିତ। ଏହି ଦୁଇ ବ୍ଲକ ଅଧୀନ ମୋଟ ୨୭ଟି ପଞ୍ଚାୟତର ଏବେ ଲୋକ ସଂଖ୍ୟା ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଗୋପବନ୍ଧୁ ନଗର ବ୍ଲକର ଲୋକ ସଂଖ୍ୟା ୮୦ ହଜାର ଟପିଲାଣି। ପ୍ରତିବର୍ଷ ଉକ୍ତ ଥାନାରେ ପାଖାପାଖି ୪୦୦ ମାମଲା ରୁଜୁ ହୋଇ ଆସୁଥିବା ବେଳେ ଗୋପବନ୍ଧୁ ନଗର ବ୍ଲକର ୭୦ ପ୍ରତିଶତ ମାମଲା ରୁଜୁ ହେଉଥିବା ରେକର୍ଡ କହୁଛି। ୨୦୧୦ରୁ ୨୦୨୦ ମଧ୍ୟରେ ସମୀକ୍ଷା କଲେ ଜଣାପଡ଼େ ହତ୍ୟା, ରାହାଜାନୀ, ଚୋରି, ଡକାୟତି ଭଳି ଅପରାଧ ଗୋପବନ୍ଧୁନଗର ବ୍ଲକରେ ବୃଦ୍ଧି ପାଇଛି। ଥାନାଠାରୁ ବ୍ଲକର ଶେଷ ସୀମା ୩୦/୪୦ କି.ମି. ଦୂରତ୍ୱ ହେଉଥିବାରୁ ଜରୁରୀକାଳୀନ ସମୟରେ ସେବା ମିଳିବାରେ ବିଳମ୍ବ ଘଟୁଛି। ପୁଣି ଏହି ବ୍ଲକର କୁଶଳଦା, ଜୟପୁର ଓ ବରଡିହି ପଞ୍ଚାୟତ ଉଦଳା ଥାନା ଅଧୀନରେ ରହିଥିବାରୁ ଏହି ୩ପଞ୍ଚାୟତର ଲୋକଙ୍କ ସମସ୍ୟା ବଢ଼ି ଚାଲିଛି। ଏହି ବ୍ଲକର କୁଶଳଦା ଓ କୁଆମରାରେ ଦୁଇଟି ଫାଣ୍ଡି ରହିଥିବା ବେଳେ ଯେ କୌଣସି ସ୍ଥାନରେ ଗୋଟିଏ ଥାନା ପ୍ରତିଷ୍ଠା କରାଯିବାକୁ ଜନ ସାଧାରଣଙ୍କ ପକ୍ଷରୁ ଦାବି ହୋଇ ଆସୁଛି।

# ଜନ୍ମମାଟି ସ୍ତବ୍ଧ, ଗାଁରେ ଶେଷକୃତ୍ୟ



ବିଧାୟକ ବିଷ୍ଣୁ ସେଠୀଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।



ଶୋଭାଯାତ୍ରାରେ ସାମିଲ ନେତା, କର୍ମୀ ଓ ଜନସାଧାରଣ।



ତିହିଡ଼ି ବ୍ଲକ ମଙ୍ଗରାଜପୁର ଗାଁର ଶୋକାକୁଳ ପରିବାର ବର୍ଗ।

**ଭଦ୍ରକ ଅଫିସ,୧୯।୯**

ଭଦ୍ରକ ଜିଲା ଧାମନଗର ଭାଜପା ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ସୋମବାର ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ସାରା ଜିଲାରେ ଶୋକର ଛାୟା ଖେଳିଯାଇଛି। ତେବେ ତାଙ୍କ ମୃତ୍ୟୁ ଖବର ଶୁଣି ଜନ୍ମମାଟି ତିହିଡ଼ି ବ୍ଲକର ମଙ୍ଗରାଜପୁର ଗାଁ ସ୍ତବ୍ଧ ହୋଇଯାଇଛି। ଗାଁରେ କାହାରି ଘରେ ଚୁଲି ଜଳିନି। ଗାଁର ଆବାଳ ବୃଦ୍ଧବନିତା ସମସ୍ତଙ୍କ ଆଖିରୁ ଲୁହ ଝରୁଥିବା ଦେଖିବାକୁ ମିଳିଥିଲା। ଗାଁରେ ରହୁଥିବା ତାଙ୍କ ପରିବାର ତଥା ଦାଦା, ଖୁଡ଼ି ଓ ଭାଇମାନେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଏପରିକି ସେମାନେ କୋହ ସମ୍ଭାଳି ପାରି ନ ଥିଲେ। ଭୁବନେଶ୍ୱରରୁ ମୃତଦେହ ଅଣାଯିବା ପରେ ଶୋଭାଯାତ୍ରାରେ ଭଦ୍ରକ ସ୍ଥିତ ଭାଜପା ଅଫିସ୍‌କୁ ନିଆଯାଇଥିଲା। ସେଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଭାଜପା ଭଦ୍ରକ ଜିଲା ସଭାପତି ହେମନ୍ତ ପାଢୀ, ଡା. ପ୍ରଦୀପ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଜନ୍ମମାଟି ତିହିଡି ବ୍ଲକ ମଙ୍ଗରାଜପୁର ଗ୍ରାମକୁ ପାର୍ଥିବ ଶରୀରକୁ ନିଆଯାଇ ଶୋକାକୁଳ ପରିବେଶରେ ଶେଷକୃତ୍ୟ କରାଯାଇଛି।

## ରାଜନୀତିରେ ବିଷ୍ଣୁ

**ଧାମନଗର, (ଡି.ଏନ.ଏ.):** ଧାମନଗର ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀ ପ୍ରଥମେ ୧୯୯୧ ଓ ୧୯୯୬ରେ ଭଦ୍ରକ ଲୋକସଭା ଆସନରୁ ଭାଜପା ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ୨୦୦୦ରେ ବିଜେଡି–ଭାଜପା ମେଣ୍ଟ ପ୍ରାର୍ଥୀ ଭାବେ ଲଢ଼ି ଚାନ୍ଦବାଲି ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ ୨୦୦୬ରେ କାଜୁ ନିଗମର ଅଧ୍ୟକ୍ଷ ପଦରେ ରହିଥିଲେ। ବିଧାନସଭା ଆସନ ସୀମା ନିର୍ଦ୍ଧାରଣ ଯୋଗୁ ୨୦୦୯ରେ ଚାନ୍ଦବାଲି ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହେବାରୁ ସେ ଧାମନଗର ସଂରକ୍ଷିତ ଆସନରୁ ପ୍ରାର୍ଥୀ ହୋଇଥିଲେ। ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ରାଜେନ୍ଦ୍ର ଦାସଙ୍କଠାରୁ ଅଳ୍ପ ଭୋଟ୍ ବ୍ୟବଧାନରେ ହାରିଯାଇଥିଲେ। ୫ବର୍ଷ ଧରି ଧାମନଗରରେ ସଙ୍ଗଠନ ମଜଭୁତ କରି ୨୦୧୪ରେ ଏଠାରେ ବିଜେଡି ପ୍ରାର୍ଥୀ ମୁକ୍ତିକାନ୍ତ ମଣ୍ଡଳଙ୍କଠାରୁ ପରାଜିତ ହୋଇଥିଲେ। ୨୦୧୯ ବିଧାନସଭା ନିର୍ବାଚନରେ ଧାମନଗର ସଂରକ୍ଷିତ ଆସନରୁ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟଲାଭ କରିଥିଲେ। ସେ ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରୁଥିଲେ। ବିରୋଧୀ ଦଳ ଉପନେତା ଭାବେ ମନୋନୀତ ହୋଇଥିବା ବେଳେ ସରକାରଙ୍କ ବିରୋଧରେ ସବୁବେଳେ ସ୍ୱର ଶାଣିତ ରହୁଥିଲା। ସମସ୍ତ ପ୍ରସଙ୍ଗରେ ସରକାରଙ୍କୁ ଅଡୁଆରେ ପକାଉଥିଲେ। ଏମିତିକି ଦର ବୃଦ୍ଧି, ନାରୀ ନିର୍ଯାତନା, ଆଇନଶୃଙ୍ଖଳା, ଖଣି ଓ ଆବାସ ଦୁର୍ନୀତି, ନିଯୁକ୍ତି ଆଦି ପ୍ରସଙ୍ଗରେ ସ୍ୱର ଉଠାଉଥିଲେ। ଏହାବ୍ୟତୀତ ବିଧାନସଭା ବାହାରେ ମଧ୍ୟ ବିଭିନ୍ନ ଘଟଣା ଓ ପ୍ରସଙ୍ଗ ଉପରେ ମତ ଦେଇ ବିବାଦୀୟ ହେଉଥିଲେ। ଲୋକଙ୍କ ହକ୍ ପାଇଁ ସବୁବେଳେ ସରକାର ଓ ପ୍ରଶାସନ ବିରୋଧରେ ଲଢ଼େଇ କରି ଚର୍ଚ୍ଚାରେ ରହିଆସିଥିଲେ। ୨୦୨୦ରେ କରୋନା ମହାମାରୀର ଶିକାର ହେବା ପରଠାରୁ ଅଧିକାଂଶ ସମୟରେ ସେ ଅସୁସ୍ଥ ରହୁଥିଲେ। ପୂର୍ବରୁ ମଧୁମେହ ଓ କିଡ୍‌ନୀ ରୋଗରେ ପୀଡ଼ିତ ଥିବାରୁ କରୋନା ପରେ ଅତି ଦୁର୍ବଳ ହୋଇଯାଇଥିଲେ। ବାରମ୍ବାର ହସ୍ପିଟାଲରେ ଭର୍ତ୍ତି ହେଉଥିଲେ। ଫଳରେ ସେ ନିଜ ନିର୍ବାଚନମଣ୍ଡଳୀରେ ବେଶୀ ସମୟ ଦେଇପାରୁ ନ ଥିଲେ। ଗତ ଅଗଷ୍ଟରେ ଧାମନଗରରେ ଲଗାତାର ଦୁଇଟି ବନ୍ୟା ସମୟରେ ଚିକିତ୍ସାଧୀନ ଥିବାରୁ ସେ ଧାମନଗର ଆସିପାରି ନ ଥିଲେ। ହେଲେ ଡାକ୍ତରଖାନାରେ ରହି ମଧ୍ୟ ଧାମନଗର ବନ୍ୟା ବିପନ୍ନଙ୍କୁ କିପରି ରିଲିଫ୍ ଓ ସରକାରୀ ସହାୟତା ମିଳିବ ସେନେଇ ଉଦ୍ୟମ କରିଥିଲେ। ଧାମନଗରବାସୀଙ୍କୁ ରିଲିଫ ଯୋଗାଇବା ବ୍ୟବସ୍ଥା କରାଇଥିଲେ। ତାଙ୍କ ବିୟୋଗ ଧାମନଗରବାସୀଙ୍କୁ ସ୍ତବ୍ଧ କରିଛି।

## ଶୋଭାଯାତ୍ରାରେ ପାର୍ଥିବ ଶରୀର

**ଧାମନଗର, (ଡି.ଏନ.ଏ./ସ୍ୱ.ପ୍ର.)**

ବିଧାୟକ ବିଷ୍ଣୁ ସେଠୀଙ୍କ ବିୟୋଗ ଖବର ପ୍ରସାରିତ ହେବାପରେ ଧାମନଗର ନିର୍ବାଚନମଣ୍ଡଳୀ ସମେତ ସାରା ଜିଲାରେ ଶୋକର ଛାୟା ଖେଳିଯାଇଛି। ସୋମବାର ଧାମନଗର, ଦୋବଲ ବଜାର, ଖଡ଼ିପଦା ଛକ, ଆନନ୍ଦପୁର ଛକ, ଷେଣ୍ଢପୁର ପ୍ରମୁଖ ବଜାରର ସମସ୍ତ ଦୋକାନ ବନ୍ଦ ରହିବା ସହ ସ୍କୁଲ କଲେଜରେ କ୍ଲାସ ବନ୍ଦ କରାଯାଇଥିଲା। ସନ୍ଧ୍ୟାରେ ବିଧାୟକ ସେଠୀଙ୍କ ପାର୍ଥିବ ଶରୀର ଧାମନଗର ବଜାରଠାରେ ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହାପରେ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା। ୧୬ ନଂ. ଜାତୀୟ ରାଜପଥର ଧାମନଗର ଛକଠାରେ ବହୁ ନେତା, କର୍ମୀ ଓ ଜନସାଧାରଣ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଭଗବାନପୁର, ପଳିକିରି, ଜୟନଗର, ଧାମନଗର ବ୍ଲକ ଛକ, ମେଡିକାଲ ବଜାର, ଦକ୍ଷିଣବାଡ଼ ଛକ, କାଳୀବଜାର, ଦୋବଲ ବଜାର, ଖଡ଼ିପଦା ଓ ଷେଣ୍ଢପୁର ଛକଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲିକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବଦ୍ରି ନାରାୟଣ ଧଳ, ଅଭିମନ୍ୟୁ ସେଠୀ, ହେମନ୍ତ ପାଢ଼ୀ, ଡ. ପ୍ରଦୀପ ନାୟକ, ନିରାକାର ଜେନା, ଜଗନ୍ନାଥ ଦାସ, ଧାମନଗରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଏନ୍‌ଏସି ଅଧିକାରୀ ଯତୀନ୍ଦ୍ର ମିଶ୍ର, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ବିଡିଓ ଦୁର୍ଗା ଚରଣ ମୁର୍ମୁ, ଅତିରିକ୍ତ ବିଡିଓ ଶର୍ମିଷ୍ଠା ମଲିକ, ଅତିରିକ୍ତ ତହସିଲଦାର ଅନୁପ ବେହେରା, ସାଇ ସାଲୋନା, ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଧାମନଗର ପ୍ରେସ୍ କ୍ଲବ, କାନ୍ତ ସାହିତ୍ୟ ପରିଷଦ ଏବଂ ଓକିଲ ସଂଘ କର୍ମକର୍ତ୍ତା ଶେଷ ଦର୍ଶନ କରିଥିଲେ।

## ୬୧ରେ ଜନ୍ମ, ୬୧ରେ ବିଦାୟ

୧୯୬୧ ମସିହାରେ ଜନ୍ମ ନେଇଥିଲେ ଧାମନଗର ବିଧାୟକ ବିଷ୍ଣୁ ସେଠୀ। ସଂଯୋଗବଶତଃ ୬୧ ବର୍ଷ ବୟସରେ ହିଁ ତାଙ୍କର ପରଲୋକ ହୋଇଛି। ଜୀବନ କାଳ ଭିତରେ ସେ ରାଜନୀତି କ୍ଷେତ୍ରରେ ସକ୍ରିୟ ଥିବା ବେଳେ ସାହିତ୍ୟ ଓ ସାଙ୍ଗଠନିକ କାର୍ଯ୍ୟରେ ବେଶ୍ ଦକ୍ଷ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳବାସୀ ମର୍ମାହତ ହୋଇପଡ଼ିଛନ୍ତି।

## ‘ସାରା ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି’



ବିଧାୟକ ବିଷ୍ଣୁ ସେଠୀଙ୍କ ବିୟୋଗ କେବଳ ଭଦ୍ରକ ନୁହେଁ, ସାରା ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି। ସେ ଜଣେ ରାଜନେତା ଥିଲେ ବି ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଭଲ ଥିଲା। ସାହିତ୍ୟ, ସାମ୍ବାଦିକତା, ରାଜନୀତି ଆଦି ସବୁ କ୍ଷେତ୍ରରେ ସେ ପାରଦର୍ଶୀ ଥିଲେ। ତାଙ୍କର ଏଭଳି ବିୟୋଗ ମୋତେ ମର୍ମାହତ କରିଛି।

**– ସଞ୍ଜୀବ ମଲ୍ଲିକ, ଭଦ୍ରକ ବିଧାୟକ**



ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ରାଜ୍ୟ ସଭାପତି ସମୀର ମହାନ୍ତି ବିଧାୟକ ବିଷ୍ଣୁ ସେଠୀଙ୍କ ପାର୍ଥିବ ଶରୀରରେ ଦଳୀୟ ପତାକା ଘୋଡାଇ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

### ସଂକ୍ଷେପରେ

## ଗ୍ରାମସଭା ପାଇଁ ବୁଲିଲା ସଚେତନତା ରଥ



**ଢେଙ୍କିକୋଟ,୧୯।୯(ଡି.ଏନ.ଏ):** କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ପକ୍ଷରୁ ଗ୍ରାମସଭା ସଚେତନ ପାଇଁ ସୋମବାର ଏକ ରଥକୁ ସରପଞ୍ଚ ଖଇର ନାଏକ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାରଙ୍କ ଗ୍ରାମ ସଭା ପାଇଁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ରାଜ୍ୟର ସମସ୍ତ ପଞ୍ଚାୟତରେ ଗ୍ରାମସଭା କରି ଗ୍ରାମାଞ୍ଚଳର ଉନ୍ନତୀକରଣ ପାଇଁ ଜନସାଧାରଣଙ୍କ ମତାମତ ନେଇ କାର୍ଯ୍ୟ କରାଯିବ। ଏହି ରଥ ଘଟଗାଁ ବ୍ଲକ୍‌ର ୨୭ ପଞ୍ଚାୟତରେ ସମସ୍ତ ଗ୍ରାମରେ ବୁଲି ଜଣସାଧାରଣଙ୍କୁ ସଚେତନ କରାଇବ ବୋଲି ସରପଞ୍ଚ ଖଇର ନାଏକ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମିତି ସଭ୍ୟା କଳ୍ପନା ନାଏକ, ୮ ନଂ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ରଣଜିତ୍ ନାୟକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋହିତ ମହାନ୍ତ, ଜି.ଆର.ଏସ ପ୍ରକାଶ ବେହେରା, ସୁଦାମ ଚରଣ ବେହେରା, ରଘୁନାଥ ନାୟକ ସମେତ ୧୧ ଟି ୱାର୍ଡର ସମସ୍ତ ସଭ୍ୟା/ସଭ୍ୟ ଉପସ୍ଥିତ ରହିଥିଲେ।

## ବିଶ୍ୱକର୍ମାଙ୍କ ଭସାଣି

**ଢେଙ୍କିକୋଟ,୧୯।୯(ଡି.ଏନ୍.ଏ):** କେନ୍ଦୁଝର ଜିଲା ଢେଙ୍କିକୋଟ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରେ ପୂଜା ପାଉଥିବା ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ସୋମବାର ଭସାଣି ଅନୁଷ୍ଠିତ ହୋଇଯାଇଛି। ବାବା ବିଶ୍ୱକର୍ମାଙ୍କ ମେଢ଼କୁ ଢେଙ୍କିକୋଟ ବଜାର ସାହି ବସ୍ତି ବୁଲାଇ ପବିତ୍ର ପୁଣ୍ୟତୟା ସୀତା ନଦୀରେ ବିସର୍ଜନ କରିଥିଲେ। ସେକ୍ସନ ଅଧୀନରେ କାର୍ଯ୍ୟାରତ ଶତାଧିକ କର୍ମଚାରୀ ଏଥିରେ ସାମିଲ ହୋଇ ବାବା ବିଶ୍ୱକର୍ମାଙ୍କୁ ବିଦାୟ ଦେଇଥିଲେ। ଉତ୍ସବରେ ଲାଇନ୍ ମ୍ୟାନ୍ ବିରେନ ଜେନା, ସୁଶୀଲ ବେଉରା, ଅଶୋକ ସାମନ୍ତ ଏବଂ ସୁପରଭାଇଜର ସତ୍ୟବ୍ରତ ବେହେରାଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳାର ସହ ଭସାଣ ସମାପନ ହୋଇଛି।

## ‘ଗାଁରେ ରହିଛି ସାହିତ୍ୟର ପ୍ରକୃତ ଆତ୍ମା’

**ଚାନ୍ଦବାଲି, ୧୯।୯(ଡି.ଏନ.ଏ.)**

ଗାଁ ମାଟିରେ ଚିରକାଳ ମହ ମହ ବାସୁଥାଏ ସୃଜନର ବାସ୍ନା ଓ ଝଙ୍କୃତ ହୋଇଥାଏ ସାରସ୍ୱତ ଝଙ୍କାର। ଗାଁରେ ସାହିତ୍ୟର ପ୍ରକୃତ ଆତ୍ମା ରହିଛି ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରବିବାର ଚାନ୍ଦବାଲି ବ୍ଲକର ନାଲଗୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। କବି ମନୋଜ ଭଳ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ କମଳାକାନ୍ତ ମହାନ୍ତି, ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଅନ୍ୟତମ ଅତିଥି ପୂର୍ଣ୍ଣଚନ୍ଦ୍ର ବହଳୀ, ଶିକ୍ଷାବିତ୍ ଜୟକୃଷ୍ଣ ନାୟକ, ଦୁର୍ଗାଚରଣ ନାୟକ ଓ ଅନ୍ୟତମ ବକ୍ତା ଭାବେ ଡ. କୁମାର ଗୋପାଳ ଯୋଗ ଦେଇଥିଲେ। କବି ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ସାରସ୍ୱତ କୃତୀ ସହ କବିତାପାଠରେ ସାହିତ୍ୟକୁ ରୁଦ୍ଧିମନ୍ତ କରିବାରେ ଗ୍ରାମାଞ୍ଚଳ ପରିବେଶ ଓ ସଂସ୍କୃତି ବିଶେଷ ସାହାଯ୍ୟ କରିଥାଏ ବୋଲି ଅତିଥିମାନେ କହିଥିଲେ। ଅମୂଲ୍ୟ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନ କବିତାପାଠ ଉତ୍ସବରେ ମୁଖ୍ୟଅତିଥି ସାଧୁଚରଣ ନାୟକ, ପ୍ରଭାତ ପାଣିଗ୍ରାହୀ, ଉପେନ୍ଦ୍ର ରାଉଳ, ଅରୁଣ ପଣ୍ଡା, ଗାଳ୍ପିକ ପ୍ରଫୁଲ୍ଲ ବାରିକ, ଚିତ୍ତରଞ୍ଜନ କବି ଏବଂ ସଂଯୁକ୍ତା ଭାରତୀ କବିତା ସଂଯୋଜନା କରିଥିଲେ। ସହଯୋଗ କରିଥିଲେ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ।

## ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ

**ପାଟଣା,୧୯।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଣ୍ଟିଆପଡ଼ା ପଞ୍ଚାୟତ ଭଗପଶି ଗ୍ରାମରେ ସୋମବାର ଖୁଦୁରୁକୁଣୀଓଷା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗାଁ ପୁଷ୍କରଣୀରେ ଏକ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ ଯୋଗ ଦେଇଥିଲେ।

## ଗୃହପାଳିତ ପ୍ରାଣୀଙ୍କୁ ଟିକାକରଣ



**ଚମ୍ପୁଆ,୧୯।୯(ଡି.ଏନ.ଏ)**

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହାୟତାରେ କେନ୍ଦୁଝର ବନଖଣ୍ଡ, ଚମ୍ପୁଆ ବନାଞ୍ଚଳ ଆନୁକୂଲ୍ୟରେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକରେ ପ୍ରାଣୀ ଚିକିତ୍ସା ଓ ଟିକାଦାନ ଶିବିର କରାଯାଇ ଗୃହପାଳିତ ପ୍ରାଣୀଙ୍କୁ ଟିକାକରଣ କରାଯାଉଛି। ଜଙ୍ଗଲରେ ବୁଲୁଥିବା ହାତୀ ପଲଙ୍କୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ଚମ୍ପୁଆରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଗ୍ରାମରେ ଏହି ଅଭିଯାନ ଚାଲିଥିବା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଶିବ ରାଉତ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଜଙ୍ଗଲ ନିକଟବର୍ତ୍ତି ଗ୍ରାମ ଗୁଡ଼ିକରେ ଥିବା ଗୃହପାଳିତ ପ୍ରାଣୀ ଖାଦ୍ୟ ଅନ୍ୱେଷଣରେ ବହୁ ସମୟରେ ଜଙ୍ଗଲ ମଧ୍ୟକୁ ଯାଉଛନ୍ତି। ଏପରିକି ବହୁ ସମୟରେ ହାତୀ ପଲ ଜଙ୍ଗଲ ନିକଟବର୍ତ୍ତି ଗ୍ରାମ ଗୁଡ଼ିକୁ ଆସି ଉପଦ୍ରବ କରୁଥିବା ନଜିର ରହିଛି। ଏହି ଗୃହପାଳିତ ପ୍ରାଣୀମାନେ ବହୁ ସମୟରେ ସଂକ୍ରମଣ ରୋଗରେ ସଂକ୍ରମିତ ହେଉଥିବାରୁ ଏହି ସଂକ୍ରମଣରୁ ହାତୀଙ୍କୁ ରକ୍ଷା କରିବା ନିମନ୍ତେ ଜଙ୍ଗଲ ନିକଟବର୍ତ୍ତି ଗ୍ରାମ ଗୁଡ଼ିକରେ ଟିକାକରଣ ଶିବିର ମାନ କରାଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରକ୍ତଦାନ ଶିବିର

**ବାହାନଗା, ୧୯।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଯାଗେଶ୍ୱପଦାସ୍ଥିତ ଥିବା ସରସ୍ୱତୀ ଶିଶୁ ମନ୍ଦିର ପରିସର ଓ ଆରୁହାବାଡ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଭାଜପା ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଜାଗେଶ୍ୱପଦାରେ ୭୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଆରୁହାବାଡ ପଞ୍ଚାୟତରେ ମଧ୍ୟ ରକ୍ତ ସଂଗ୍ରହ କରାଯାଇଥିଲା। ଆରୁହାବାଡରେ ସରପଞ୍ଚ ନମିତା ବିନ୍ଧାଣୀ ଓ ଭଦ୍ରକ ଭାଜପା ନେତା ଅଭିମନ୍ୟୁ ସେଠୀ, ଜାଗେଶ୍ୱରପଦାରେ ସୋର ଭାଜପାନେତା ରାକେଶ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଡାକ୍ତର ଖଗେଶ୍ୱର ସିଂ ଏବଂ ସରଶ୍ୱତୀ ଶିଶୁମନ୍ଦିର ଗୁରୁଜୀ ବିନୋଦ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଆରୁହାବାଡରେ ବାଲେଶ୍ୱର ଏଚଡିଏଫସି ଶାଖା ସହାୟତା ଓ ନିକଟସ୍ଥ ଭାଜପା ପକ୍ଷରୁ ମିଳିତ ସହଯୋଗ କରାଯାଇଥିଲା। ଭାଜପା କର୍ମକର୍ତ୍ତାମାନେ ରକ୍ତଦାନ କରିଥିଲେ।

## ସରକାରୀ ଗାଡ଼ିରେ ମନ୍ଦିରବୁଲା

**ଖଇରା, ୧୯।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ସିମୁଳିଆ ତହସିଲ କାର୍ଯ୍ୟାଳୟର ଜଣେ ଅଧିକାରୀ ସରକାରୀ ଗାଡ଼ିର ଅପବ୍ୟବହାର କରି ମନ୍ଦିର ଭ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି । ସରକାରୀ କାର୍ଯ୍ୟର ବାହାନା କରି ପରିବାର ସଦସ୍ୟଙ୍କ ସହ ଖଇରା ବ୍ଲକର ପ୍ରସିଦ୍ଧ ବକ୍ରେଶ୍ୱର ପୀଠରେ ପୂଜାର୍ଚ୍ଚନା କରିବା ଘଟଣାକୁ ନେଇ ସୋମବାର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ତୁରନ୍ତ ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଖଇରା ଓ ସିମୁଳିଆ ତହସିଲ ଅଧୀନସ୍ଥ ବିଭିନ୍ନ ସଙ୍ଗଠନ ଦାବି କରିଛନ୍ତି ।

ଓଡ଼ିଶା ସରକାର ଶାସନରେ ସ୍ୱଚ୍ଛତା ଆଣିବାକୁ ‘୫–ଟି ମୋ ସରକାର’ ଲାଗୁ କରିଛନ୍ତି । ରାଜସ୍ୱ ବିଭାଗ ଏହି ୫–ଟି ଅଧୀନରେ ଆସୁଥିବା ବେଳେ ପ୍ରତ୍ୟେକ କାର୍ଯ୍ୟାଳୟ ସମ୍ମୁଖରେ ଏଥିଲାଗି ବଡ଼ ବଡ଼ ଫଳକ ଲେଖାଯାଇଛି । ଯେଉଁଥିରେ ସାଧାରଣ ଲୋକଙ୍କ ଅର୍ଥରେ ପ୍ରଶାସନ ପରିଚାଳିତ ହେଉଛି। ଏଣୁ ସେମାନଙ୍କୁ ସୁଶାସନ ଦେବା ପ୍ରତି ଅଧିକାରୀଙ୍କ ଉତ୍ତରଉତ୍ତରଦାୟିତ୍ୱ ଭଳି ଅନେକ କିଛି ଲେଖାଯାଇଛି । ଏଭଳି ପରିସ୍ଥିତିରେ ଜଣେ ଅଧିକାରୀ ସରକାରୀ ଗାଡ଼ିରେ ସରକାରୀ ଧନ ଅପବ୍ୟୟ କରି ପରିବାରକୁ ସାଥିରେ ଆଣି ମନ୍ଦିର ବୁଲାଇବା ଏଭଳି ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିବା କୁହାଯାଉଛି। ଏ ସମ୍ପର୍କରେ ଉକ୍ତ ଅଧିକାରୀ ସଫେଇ ଦେଇ ବକ୍ରେଶ୍ୱର ମନ୍ଦିର ନିକଟରେ ଥିବା ପୋଲ କାର୍ଯ୍ୟ ତଦାରଖ କରିବାକୁ ଯାଇଥିବା ବେଳେ ପାଖରେ ମନ୍ଦିର ଥିବାରୁ ବକ୍ରେଶ୍ୱରଙ୍କ ଦର୍ଶନ କରିଥିବା କହିଛନ୍ତି । ଏଭଳି ଅଭିଯୋଗ ତଥା ଭାଇରାଲ ଭିଡିଓ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏହାର ତଦନ୍ତ କରାଯିବ ବୋଲି ଜିଲାପାଳ କହିଛନ୍ତି। ବକ୍ରେଶ୍ୱର ମନ୍ଦିର ପୂଜକ ଭୋଳାନାଥ ମିଶ୍ରଙ୍କୁ ପଚାରିବା ପରେ ଅଧିକାରୀଜଣକ ମାନସିକ ପୂଜା ପାଇଁ ପରିବାର ସହ ଆସିଥିଲେ ବୋଲି କହିଛନ୍ତି।



ବକ୍ରେଶ୍ୱର ପୀଠ ସମ୍ମୁଖରେ ସିମୁଳିଆ ତହସିଲ ଗାଡି।

## ବଜ୍ରପାତରେ ଯୁବକ ମୃତ

ବିଶୋଇ,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ହାଣ୍ଡିଫୁଟା ଗ୍ରାମର ଗଡାସାହିରେ ସୋମବାର ବଜ୍ରପାତ ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁଶାଳ ମାର୍ଣ୍ଡି(୪୫)। ଭୋର ସମୟରେ ଗ୍ରାମ ନିକଟସ୍ଥ ବାଙ୍କବଲ ବନ୍ଧକୁ ମାଛ ଧରିବାକୁ ଯାଇଥିବା ସମୟରେ ସେ ବଜ୍ରପାତରେ ଟଳି ପଡ଼ିଥିଲେ। ମଧ୍ୟାହ୍ନରେ ସ୍ଥାନୀୟ ଲୋକେ ବନ୍ଧକୁ ଗାଧୋଇ ଯାଇଥିବା ସମୟରେ କୁଶାଳଙ୍କ ମୃତଦେହ ଭାସୁଥିବା ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ମୃତଦେହ ଉଦ୍ଧାର କରିଥିଲା।

## ସଂକ୍ଷେପରେ

### ଘାଟି ତଳକୁ ଖସି ଟ୍ରକ୍‌ରେ ଲାଗିଲା ନିଆଁ



ବାଙ୍ଗିରିପୋଷି,୧୯।୯(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟି ତଳକୁ ରବିବାର ମଧ ରାତିରେ ଏକ ଚଣା ବୋଝେଇ ଟ୍ରକ୍ ଓଲଟି ପଡ଼ିବା ସହ ସେଥିରେ ନିଆଁ ଲାଗିଯାଇଥିବା ସୂଚନା ମିଳିଛି। ବାଙ୍ଗିରିପୋଷି ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନାଗପୁରରୁ କୋଲକାତା ଆଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଘାଟି ରାସ୍ତାରୁ ୨୦୦ ଫୁଟ ତଳକୁ ଟ୍ରକ୍‌ଟ ଖସିପଡ଼ିଥିଲା। ଦୁର୍ଘଟଣା ପରେ ସେଥିରେ ନିଆଁ ଲାଗିଯାଇଥିଲା। ଏହି ଟ୍ରକରେ ଥିବା ଚାଳକଙ୍କ ସମେତ ୩ଜଣ ସୁରକ୍ଷିତ ଥିବା ଜଣାପଡ଼ିଛି।

### ବରଦା ଗ୍ରାମରୁ ଚୋରି

ଖଇରା, ୧୯।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ସିମୁଳିଆ ଥାନା ଖଇରା ବ୍ଲକ ଅଧୀନ ବରଦା ଗ୍ରାମର ଭଗବାନ ମଥାନଙ୍କ ଘରୁ ରବିବାର ରାତିରେ ଅନ୍ୟୁନ ୩ଲକ୍ଷ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଭଗବାନ ତାଙ୍କ ସ୍ତ୍ରୀଙ୍କୁ ସାଙ୍ଗରେ ଧରି ଶ୍ୱଶୁର ଘରକୁ ଚାଲି ଯାଇଥିବା ବେଳେ ତାଙ୍କ ଅନୁପସ୍ଥିତିରେ ଦୁର୍ବୃତ୍ତମାନେ ପଛପଟ କବାଟ ଭାଙ୍ଗିବା ପରେ ଆଲମିରା ଭାଙ୍ଗି ସମସ୍ତ ଅଳଙ୍କାର ନେଇ ପଳାଇଥିବା ଅଭିଯୋଗରେ ଉଲ୍ଲେଖ ହୋଇଛି।

### ବୃଦ୍ଧାଙ୍କ ଆତ୍ମହତ୍ୟା

ପାଟଣା,୧୯।୯(ସ୍ୱ..ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା ଟାଙ୍ଗରପଡ଼ା ପଞ୍ଚାୟତ ବାଦୁଡ଼ିଘେରା ଗ୍ରାମର ଧଉଳି ସାହିରେ ସୋମବାର ଅପରାହ୍ନରେ ଗ୍ରାମର ଦୁର୍ଗା ମୁଣ୍ଡାଙ୍କ ସ୍ତ୍ରୀ ସୀତା ମୁଣ୍ଡା(୬୦) ଗାଁ ନିକଟ ହୁଡ଼ି ନିକଟ ଏକ ଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ତାଙ୍କ ସ୍ୱାମୀଙ୍କ ସହ ବଳଦ ଚରାଇବାକୁ ପାହାଡ଼କୁ ଯାଇଥିବା ବେଳେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବୃଦ୍ଧା ଅବକାରୀ ଅଫିସ୍ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ଥିବା ହୁଡ଼ିର ଏକ ଗଛରେ ପିନ୍ଧା ଲୁଗା ବେକରେ ଲଗାଇ ଝୁଲି ପଡ଼ିଥିଲେ। ଘର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏନେଇ ପାଟଣା ଥାନରେ ଏକ ମାମଲା(ନଂ.୩୧/୨୨) ରୁଜୁ ହୋଇଛି।

### ଗୋପୀନାଥପୁର ସମବାୟ ସମିତିର ସାଧାରଣ ସଭା

ନୀଳଗିରି, ୧୯।୯(ସ୍ୱ.ପ୍ର.)-ବାଲେଶ୍ୱର ଜିଲ ନୀଳଗିରି ଏନ୍‌ଏସି ଅଧୀନ ଗୋପୀନାଥପୁର ସେବା ସମବାୟ ସମିତିର ୪୫ ତମ ବାର୍ଷିକ ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ସଭାକୁ ଶୁଭାରମ୍ଭ କରିଥିଲେ। ସମ୍ମାନନୀୟ ଅତିଥି ଭାବେ କୋଅପରେଟିଭ ବ୍ୟାଙ୍କର ଶାଖା ପରିଚାଳକ ଅରୁଣ ମାଇତି ରହିଥିବା ବେଳେ ସମିତିରେ ସଭାନେତ୍ରୀ ସୁଚିସ୍ମିତା ବେହେରା ସଭା ପରିଚାଳନା କରିଥିଲେ। ଏହି ଅବସରରେ ଶାଖା ପରିଚାଳକ ମାଇତି ସୋସାଇଟିର ସମସ୍ତ ସୁବିଧା ପ୍ରତ୍ୟେକ ଚାଷୀ ନେବା ସହିତ ଠିକ ସମୟରେ ସୁଧ ଟଙ୍କା ପରିଶୋଧ ପାଇଁ ପରାମର୍ଶ ଦେଇଥିଲେ। ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣରେ କୌଣସି ସୁଧ ଦେବାକୁ ପଡ଼ିବ ନାହିଁ ବୋଲି ସୂଚନା ଦେଇଥିଲେ। ସମିତି ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ବାର୍ଷିକ ବିବରଣୀ ପଠନ କରିବା ସହ ଆୟବ୍ୟୟର ହିସାବ ରଖିଥିଲେ। ପୂର୍ବତନ ସଭାପତି ରାଧାଗୋବିନ୍ଦ ଖଟୁଆ ସମିତି ହେଉଛି ଚାଷୀ ମାନଙ୍କର ସମିତିର ଉନ୍ନତି କରିବା ମଧ ସେମାନଙ୍କର ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ଭାସ୍କର ଦାସ, ସଦାଶିବ ବାରିକ, ୧୩ ନଂ. କାଉନସିଲର ଗୀତାଞ୍ଜଳି ପ୍ରଧାନଙ୍କ ସମେତ ସମସ୍ତ ଡାଇରେକ୍ଟର ପ୍ରମୁଖ ମଞ୍ଚାସୀନ ଥିଲେ। ଆଖପାଖ ୩୦୦ ଶହରୁ ଅଧିକ ଚାଷୀ ଉପସ୍ଥିତ ଥିଲେ। ଶେଷରେ ସଫଳ ଡିପୋଜିଟର ଓ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ସମିତି ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ବନ୍ଦ ହେବ ଗୋରୁ ହାଟ

■ଲମ୍ପି ରୋଗରୁ ରକ୍ଷା ଲାଗି ନିର୍ଦ୍ଦେଶ ଦେଲେ ଜିଲାପାଳ
■ଆନ୍ତଃରାଜ୍ୟ ଗୋ-ମହିଷାଦି ଚାଲାଣ ନିଷେଧ

ବାରିପଦା ଅଫିସ,୧୯।୯

ଗୋ-ମହିଷାଦି, ଛେଳି ଓ ମେଣ୍ଢା ଆଦି ପ୍ରାଣୀମାନଙ୍କ ଶରୀରରେ ଦେଖାଯାଉଥିବା ଚର୍ମ ରୋଗ 'ଲମ୍ପି' ପାଇଁ ମୟୂରଭଞ୍ଜ ଜିଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲାରେ ଏହି ରୋଗ ଉପରେ ରୋକ୍ ଲଗାଇବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଜିଲାର ସମସ୍ତ ଗୋରୁ ହାଟକୁ ବନ୍ଦ କରିବା ସହ ଗୋ-ଚାଲାଣ ରୋକିବା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଅବଗତ କରାଯିବା ସହ ପଞ୍ଚାୟତରେ ହେଉଥିବା ହାଟ ଗୁଡିକ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଅସାଧୁ ଗୋରୁ ବ୍ୟବସାୟୀମାନେ କେତେକ ହାଟକୁ ନିଜ ଆୟତରେ ରଖି ଗୋ-ଚାଲାଣ କରୁଥିବା ବେଳେ ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରିଚାଲିଛନ୍ତି। ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗୃହପାଳିତ ପ୍ରାଣୀଙ୍କ ଉପରେ ଏହାର ପ୍ରଭାବ ପରିଲକ୍ଷିତ ହେବା ଆଶଙ୍କା ଉପୁଜିଛି ।

ଅନ୍ୟ ରାଜ୍ୟରେ ଏହି ରୋଗ ବ୍ୟାପୁଥିବାରୁ ଓଡ଼ିଶାରେ ଭୟ ଦେଖାଯାଇଛି । ଏଣୁ ବିଭାଗୀୟ ସଚିବ ଅରବିନ୍ଦ ପାଢ଼ୀ ମୟୂରଭଞ୍ଜ ଜିଲା ସମେତ ରାଜ୍ୟର ୧୪ଟି ଜିଲାକୁ ଚିଠି ଦ୍ୱାରା ସଜାଗ କରିଛନ୍ତି । ବିଭାଗ ପକ୍ଷରୁ ମଧ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଥିବା ବେଳେ ମୟୂରଭଞ୍ଜ ଜିଲାକୁ ଲାଗି ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟ ଥିବାରୁ ଜାମଦା, ଶୁକ୍ଳି, ରରୁଆଁ, ତିରିଂ, ସାରସକଣା, ମୋରଡ଼ା, ଶୁଳିଆପଦା ଓ ରାସଗୋବିନ୍ଦପୁର ମିଶି ୮ଟି ବ୍ଲକର ସୀମାନ୍ତ ଗ୍ରାମ ଗୁଡ଼ିକୁ ଚିହ୍ନଟ କରି ୫କି.ମି. ପରିଧି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲାର ବୈଶିଙ୍ଗା, କୋଟିଆକୁଇଲି, ହାଟବାଦଡା, ସାରସକଣା, କୁଳିଅଣା, ଶୁଳିଆପଦା, ଉଦଳା, ବାଲିଯୋଡା ଆଦି ସ୍ଥାନରେ ହେଉଥିବା ଗୋରୁ ହାଟଗୁଡ଼ିକ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଦ୍ୟାବଧି ଜିଲାରେ 'ଲମ୍ପି' ଆକ୍ରାନ୍ତ ଖବର ମିଳିନାହିଁ । ତେବେ ପଡ଼ୋଶୀ ରାଜ୍ୟରୁ ଏହି ରୋଗ ଜିଲାକୁ ନ ବ୍ୟାପିବା ପାଇଁ ଆନ୍ତ !ରାଜ୍ୟ ଗୋ-ମହିଷାଦି, ଛେଳି ଓ ମେଣ୍ଢା ଚାଲାଣକୁ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି । ଏହି ରୋଗର ପ୍ରତିଷେଧକ ଭ୍ୟାକ୍ସିନ(ଟିକା) ଏପର୍ଯ୍ୟନ୍ତ ବାହାରିନାହିଁ। ତେବେ ଛେଳିମାନଙ୍କୁ ଦିଆଯାଉଥିବା ଭ୍ୟାକ୍ସିନ ଗୋ-ମହିଷାଦିଙ୍କୁ ଦେଲେ ଏହି ରୋଗରୁ ସୁରକ୍ଷା ମିଳୁ ଥିବାରୁ ସରକାର ଉକ୍ତ ଭ୍ୟାକ୍ସିନ ସୀମାନ୍ତ ଜିଲାକୁ ପଠାଇଥିବା ସୂଚନା ମିଳିଛି।

## ଭଣ୍ଡାରିପୋଖରୀରେ ଅହିଂସା ରଥକୁ ସ୍ୱାଗତ



କହରାପୋଖରୀଠାରେ ଅହିଂସା ରଥକୁ ସ୍ୱାଗତ କରାଯାଉଛି।

ଭଣ୍ଡାରିପୋଖରୀ, ୧୯।୯ (ସ୍ୱ.ପ୍ର.)

ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ପରିକ୍ରମା କରୁଥିବା ଅହିଂସା ରଥକୁ ସୋମବାର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ କ୍ରାନ୍ତି ମଇଦାନ କହରାପୋଖରୀଠାରେ ସ୍ୱାଗତ କରାଯାଇଥିଲା। ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି ସମ୍ପାଦକ ଇଂ. ପ୍ରୟାସକାନ୍ତି ସାମଲ ପ୍ରଥମେ ରଥକୁ ସ୍ୱାଗତ ଜଣାଇଥିଲେ। ଏହାପରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ବ୍ଲକ ଅଧ୍ୟକ୍ଷା ସୁମତି ସେଠି, ଥାନାଧିକାରୀ ଅମିତାଭ ଦାସ, ବ୍ଲକ ଶିକ୍ଷାଧିକାରୀ ଅଧୀର ତରେଇ, ନୋଡାଲ ଅଫିସର ବିଜୟ କେତନ ସାହୁ, ଜିପିଓ ମୀନକେତନ ବାରିକ, ସରପଞ୍ଚ ଅମୂଲ୍ୟ କୁମାର ନାୟକ, ସମିତିସଭ୍ୟ ଜଗତ ଜୀବନ ବାରିକ, ସରପଞ୍ଚ ବର୍ଷାରାଣୀ ଜେନା, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ। ଶାରଦା ବିଦ୍ୟାମନ୍ଦିର, ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାପୀଠର ଛାତ୍ରୀଛାତ୍ର, ଏସ୍‌ଏଚ୍‌ଜି, ବ୍ଲକ ଯୁବ ସଭାପତି ଲଳିତ ରାଉତ, ବରିଷ୍ଠ ନେତା କୁଶ ଦାସ, ହେମନ୍ତ ଜେନା, ସତ୍ୟାନନ୍ଦ ମହାପାତ୍ରଙ୍କ ସହ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ବୁଲିଲା ଭୋଟର ସଚେତନତା ରଥ




ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

କେନ୍ଦୁଝର, ୧୯।୯(ଡି.ଏନ.ଏ)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶିକା ଅନୁଯାୟୀ ଏବଂ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଶିଷ ଠାକ୍‌ରେଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲାରେ ଭୋଟର ସଚେତନତା ରଥ ଗଡ଼ିଛି। ସୋମବାର ଜିଲା ସଦର ମହକୁମାରେ କେନ୍ଦୁଝର ଉପଖଣ୍ଡ ତରଫରୁ ଭୋଟର ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ସୁଷମା ବିଲୁଙ୍ଗ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ କିରଣ ନାଏକ, କେନ୍ଦୁଝର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲାପାଳ ରଶ୍ମିତା ସ୍ୱାଇଁ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ, ଏଷ୍ଟାବ୍ଲିଶମେଣ୍ଟ ଅଫିସର ମୃତ୍ୟୁଞ୍ଜୟ ପରିଡ଼ା ଏବଂ ଚିତ୍ତରଞ୍ଜନ ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବରିଷ୍ଠ ରାଜସ୍ୱ ସହାୟକ ଗୋପବନ୍ଧୁ ନାଏକ, ସଚ୍ଚିନ ପଣ୍ଡା, ପ୍ରଦୀପ ନାଏକ ଏବଂ କନିଷ୍ଠ ରାଜସ୍ୱ ସହାୟକ ମୁକ୍ତିକାନ୍ତ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଚମ୍ପୁଆ ଏବଂ ଆନନ୍ଦପୁର ଉପଖଣ୍ଡରେ ମଧ୍ୟ ଭୋଟର ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଉକ୍ତ ଭୋଟର ସଚେତନତା ରଥ ବିଭିନ୍ନ ବ୍ଲକ୍, ତହସିଲ, ସହରାଞ୍ଚଳ ତଥା ଗ୍ରାମାଞ୍ଚଳ ପରିକ୍ରମା କରି ସାବାଳକ ବା ନୂଆ ଭୋଟର କିପରି ସହଜ ଉପାୟରେ ଫର୍ମ ନଂ-୬ ରେ ଆବେଦନ କରି ଭୋଟର ପରିଚୟ ପତ୍ର ପାଇବେ, ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବ।

## ସ୍ୱାସ୍ଥ୍ୟ ବିଭାଗ ଗାଡ଼ି ଓଲଟି ଡାକ୍ତର,ଫାର୍ମାସିଷ୍ଟ ଗୁରୁତର

ଖୁଣ୍ଟା,୧୯।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ତଥା ଖୁଣ୍ଟା – ବାରିପଦା ରାଜ୍ୟ ରାଜପଥର ବାଲିମୁଣ୍ଡଳି ଛକଠାରେ ସ୍ୱାସ୍ଥ୍ୟ ବିଭାଗ ଗାଡ଼ି ଓଲଟି ଡାକ୍ତର ଓ ଫାର୍ମାସିଷ୍ଟ ଗୁରୁତର ହୋଇଛନ୍ତି। ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଅନୁକୂଲ୍ୟରେ ଥିବା ରାଷ୍ଟ୍ରୀୟ ବାଲ ସୁରକ୍ଷା ବା ଆରବିଏସ ବିଭାଗର ଓଡ଼ି ୧୧ କେ ୨୨୩୫ ନମ୍ବର ବିଶିଷ୍ଟ ବୋଲେରୋ ଗାଡ଼ି ଯୋଗେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁସ ଡାକ୍ତର ରିନାଲତା ସିଂ ଏବଂ ଫାର୍ମାସିଷ୍ଟ ପ୍ରଜ୍ଞାରାନୀ ପାତ୍ର ହିରାପୁର ଅଙ୍ଗନୱାଡ଼ି କେନ୍ଦ୍ରକୁ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଯାଇଥିଲେ। ତେବେ ମଧ୍ୟାହ୍ନରେ ସେମାନେ ଚିକିତ୍ସା କେନ୍ଦ୍ରକୁ ଫେରୁଥିବା ସମୟରେ ବୋଲେରୋଟି ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ମଝିରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଗାଡ଼ିରେ ଥିବା ଡାକ୍ତର ସିଂ ଓ ଫାର୍ମାସିଷ୍ଟ ପାତ୍ର ଗୁରୁତର ଆହତ ହୋଇଥିବା ବେଳେ ଗାଡ଼ିର ଚାଳକ ବର୍ତ୍ତି ଯାଇଥିବା ସୂଚନା ମିଳିଛି।

## ତହସିଲ ଅଫିସ୍ ପାଚେରି ଭିତ୍ତିପ୍ରସ୍ତର



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଧାୟକଙ୍କ ପ୍ରତିନିଧି ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ, ୧୯।୯(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଫିସ୍ ପାଚେରି ନିର୍ମାଣ ପାଇଁ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ତହସିଲଦାର ସରୋଜକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ପ୍ରୟାସକାନ୍ତି ସାମଲ ଯୋଗଦେଇ ଭିତ୍ତିସ୍ତର ସ୍ଥାପନ କରିଥିଲେ। ପ୍ରାୟ ୧୫ଲକ୍ଷ ଟଙ୍କା ବ୍ୟୟରେ ସରକାରୀ ଜାଗା ସୁରକ୍ଷା ଯୋଜନାରେ ଉକ୍ତ ପାଚେରି ନିର୍ମାଣ ହେଉଥିବା ଜଣାଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଭଣ୍ଡାରିପୋଖରୀ ବିଡିଓ ଦେବଦତ୍ତ ଦାସ, ବନ୍ତ ବିଡିଓ ପ୍ରଦୀପ ସେଠୀ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଯୁବନେତା ବିପିନ ନାୟକ, ଲଳିତ ରାଉତ, ସତ୍ୟସାଧନ ବେଜ, ଦେବେନ୍ଦ୍ର ଦାସ, ଅଶୋକ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସୋର ଷ୍ଟେଶନ ରୋଡ୍ ଜବରଦଖଲ ଉଚ୍ଛେଦ

ସୋର, ୧୯।୯(ଡି.ଏନ.ଏ.)

ସୋମବାର ମଧ୍ୟାହ୍ନରେ ସୋର ନୂଆ ବସ୍‌ଷ୍ଟାଣ୍ଡ ଷ୍ଟେଶନ ରୋଡ ପାର୍ଶ୍ୱରେ ଥିବା ସରକାରୀ ଜମିରେ ଜବରଦଖଲ କରି ଦୋକାନ ଘର ସହ ଅସ୍ଥାୟୀ କୁଡିଆକୁ ସୋର ପୌରପାଳିକା ପକ୍ଷରୁ ଉଚ୍ଛେଦ କରାଯାଇଛି। ୨୦୧୦ରେ ସୋର ସହରର ଏହି ବ୍ୟସ୍ତବହୁଳ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ହାଇକୋର୍ଟଙ୍କ ପକ୍ଷରୁ ଜବରଦଖଲକାରୀଙ୍କ ଡବ୍ଲ୍ୟୁପିସି-୬୮୨୨/୨୦୧୦ରେ ଆବେଦନ ଶୁଣାଣି ପରେ ରହିତାଦେଶ ଜାରି କରାଯାଇଥିଲା। ଏହି ରହିତାଦେଶ ୨୦୧୯ରେ ଉଠିଯିବା ପରେ ପୁଣି ଆବେଦନକାରୀଙ୍କ ପିଟିସନ୍‌ର ଶୁଣାଣି କରି କୋର୍ଟ ସୋର ଅଧ୍ୟକ୍ଷଙ୍କଠାରେ ଆବେଦନ କରିବାକୁ ପିଟିସନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଆଦେଶ ଅନୁଯାୟୀ, ଗତ ୨ ତାରିଖରେ ପିଟିସନ୍‌କାରୀ ପୌରାଧ୍ୟକ୍ଷଙ୍କୁ ଜଣାଇବା ପରେ ଗତ ୧୫ ତାରିଖରେ ଆବେଦନକାରୀ ଓ ପୌର ପକ୍ଷରୁ ନିଯୁକ୍ତ ଓକିଲଙ୍କ ପକ୍ଷରୁ ଶୁଣାଣି କରି ଜବରଦଖଲ ଉଚ୍ଛେଦ କରିବାକୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡାଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପଣ୍ଡା ଜବରଦଖଲକାରୀଙ୍କୁ ନୋଟିସ୍ ଦେବା ସହ ଡେଙ୍ଗରା ଦେଇ ୨୪ଘଣ୍ଟାରେ ଦଖଲ ଛାଡିବାକୁ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ତହସିଲଦାର ପଣ୍ଡା ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ବେଳେ ସୋର ଥାନା ଭାରପ୍ରାପ୍ତ ଅଧିକାରିଣୀ ସୁଜାତା ଖମାରୀ, ପୋଲିସ ବଳ ଓ ପୂର୍ତ୍ତ ଯନ୍ତ୍ରୀଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ ବେଳେ କୌଣସି ବାଧା ଉପୁଜି ନ ଥିଲା। ଏହି ଉଚ୍ଛେଦ ପରେ ଏବେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୪ଟିକିଆ ରାସ୍ତା ସହ ଡିଭାଇଡର, ଚଉଡା ଡ୍ରେନ, ପାଦଚଲା ରାସ୍ତା, ଭେଣ୍ଡି ଜୋନ୍ , ଉନ୍ନତମାନର ଶୌଚାଳୟ ଓ ଓପନ୍‌ଜିମ୍ ନିର୍ମାଣ ଯୋଜନା କାର୍ଯ୍ୟକାରୀ ହେବ ବୋଲି ପଣ୍ଡା କହିଛନ୍ତି।

## ଗୋରୁ ବୋଝେଇ କଣ୍ଟେନର ଜବତ

ବାହାନଗା,୧୯।୯(ଡି.ଏନ.ଏ.)

ବାହାନଗା ବ୍ଲକ ଖନ୍ତାପଡା ଥାନା ଶେରଗଡସ୍ଥିତ ଜାତୀୟ ରାଜପଥର ଟୋଲଗେଟ୍ ନିକଟରୁ ସୋମବାର ସକାଳେ ଶେରଗଡ ଫାଣ୍ଡି ପୋଲିସ୍ ଏକ ଛୋଟ କଣ୍ଟେନରରୁ ଚୋରା ଚାଲାଣ ହେଉଥିବା ଗୋଟିଏ ଷଣ୍ଢ ସହିତ ଅନ୍ୟ ୪ ଟି ଗାଈକୁ ଜବତ କରିଛି। ଡ୍ରାଇଭର ଓ ହେଲପରଙ୍କୁ ପୋଲିସ୍ ଅଟକ ରଖିଛି । ସେଗୁଡିକ ଭଦ୍ରକ ଅଞ୍ଚଳରୁ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିଲା। ତେବେ ଜବତ ଗୋରୁଗୁଡିକ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଚିକିତ୍ସା କରାଯାଇ ରେମୁଣାସ୍ଥିତ ବାମପଦାର ମା' ଭାରତୀ ଗୋଶାଳାରେ ରଖାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସିମାମଲା ରୁଜୁହୋଇନାହିଁ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଚମ୍ପୁଆ,୧୯।୯(ଡି.ଏନ.ଏ)

ଚମ୍ପୁଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ ମ ପ୍ରତିଷ୍ଠା ଉତ୍ସବ ପାଳନ କରିଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଡିଓ ଜ୍ୟୋତ୍ସ୍ନା ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଚମ୍ପୁଆ ବ୍ଲକ୍ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ, ମହିଳା କଲେଜ ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ ଓ ଶିକ୍ଷାବିତ୍ ଅବନ୍ତି ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅର୍ଥଶାସ୍ତ୍ର ଅଧ୍ୟାପକ ପ୍ରଶାନ୍ତ ନନ୍ଦ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ରୋଗ ପୋକ ପରିଚାଳନା ସମ୍ପର୍କିତ ତାଲିମ ଶିବିର

ନକଲି ପ୍ରତି ସାବଧାନ ହେବାକୁ ପରାମର୍ଶ

ଜଳେଶ୍ୱର, ୧୯।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ସେବା ସମବାୟ ସମ୍ମୁଖରେ ଧାନ ଓ ଅଣଧାନ ଚାଷ ବେଳେ ସମନ୍ୱିତ ରୋଗ, ପୋକ ପରିଚାଳନା ତଥା ବିହନ ବିଶୋଧନ ନିମନ୍ତେ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଇବଣିଆ ସେବା ସମବାୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ପଶ୍ଚିମବଙ୍ଗରୁ ଆସୁଥିବା ନକଲି କୀଟନାଶକ ପ୍ରୟୋଗ ନ କରିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ଯେ କୌଣସି ଚାଷରେ ଅଧିକ ସାର ଓ କୀଟନାଶକ ପ୍ରୟୋଗ ହେଲେ ତାର ଅପକାରିତା ସମ୍ପର୍କରେ ଚାଷୀଙ୍କୁ କୁହାଯାଇଛି। ସେବା ସମବାୟ ସମିତି ସଭାପତି ଗଙ୍ଗାଧର ଦାସ ପୌରୋହିତ୍ୟ କରି କୃଷକ ତାଲିମ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବାଲିଆପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଗାୟତ୍ରୀ ସାହୁ ଯୋଗଦେଇ ସମନ୍ୱିତ ସାର, ରୋଗ, ପୋକ ପରିଚାଳନା ସମ୍ପର୍କରେ କହିବା ସହିତ ନକଲି କୀଟନାଶକ ପ୍ରତି ସାବଧାନ ହେବାକୁ ସୂଚନା ଦେଇଥିଲେ। ଅନ୍ୟତମ ବୈଜ୍ଞାନିକ ନିରୋଜ କୁମାର ଜେନା ବୈଜ୍ଞାନିକ ପଦ୍ଧତିରେ ବିହନର ସଂରକ୍ଷଣ, ତଳି ପକାଇବା ଓ ରୋଇବା ସମ୍ପର୍କରେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ସରପଞ୍ଚ ସନ୍ଦୀପ ନାରାୟଣ ଘୋଷ ଓ ସମ୍ପାଦକ ବିଦାନ ଚନ୍ଦ୍ର ଘୋଷ ବକ୍ତବ୍ୟ ରଖିଥିଲେ । ପ୍ରାୟ ୧୦୦ ଜଣେ ଚାଷୀ ଯୋଗ ଦେଇଥିଲେ ।




# ପିଇଓଙ୍କୁ ବାରମ୍ବାର ନ ବଦଳାଇବାକୁ ବିଡିଓଙ୍କୁ ଦାବିପତ୍ର

ବାହାନଗା, ୧୯।୯(ଡି.ଏନ.ଏ.)

ବାହାନଗା ବ୍ଲକ କୁରୁଡା ପଞ୍ଚାୟତ ପିଇଓଙ୍କୁ ବାରମ୍ବାର ବଦଳି କରାଯାଉଥିବାରୁ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଉପୁଜୁଛି। ତେଣୁ ପିଇଓ (ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ)ମାନଙ୍କୁ ବାରମ୍ବାର ନ ବଦଳାଇବାକୁ ନେଇ ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟମାନେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଅଭିଯୋଗ କରିବା ପରେ ପୁନର୍ବାର ପିଇଓଙ୍କୁ ବଦଳାଯାଏ ତା' ହେଲେ ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ସମେତ ନୂତନ ସରପଞ୍ଚ ବିଡିଓଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

କୁରୁଡା ପଞ୍ଚାୟତରେ ନୂତନ ସରପଞ୍ଚ ଭାବେ ମୀନତି ସେଠୀ ନିର୍ବାଚିତ ହୋଇ ଦୀର୍ଘ ୭ ମାସ ହେଲାଣି ସରପଞ୍ଚ ଭାବେ ଦାୟିତ୍ୱ ନେଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରିପାରୁନାହାନ୍ତି। ୭ମାସରେ ୩ଜଣ ପିଇଓଙ୍କୁ ବଦଳି କରାଗଲାଣି । ତେବେ ଦାୟିତ୍ୱ ନେବାବେଳକୁ ପୂର୍ବରୁ ଯେଉଁ ପିଇଓ ଥିଲେ ତାଙ୍କୁ ବଦଳି ଅନ୍ୟତ୍ର କରାଯାଇଥିଲେ ମଧ ସେ ଏପର୍ଯ୍ୟନ୍ତ ସମସ୍ତ ଦସ୍ତାବିଜ ପଞ୍ଚାୟତରେ ଦାଖଲ କରି ନ ଥିବା ବେଳେ କେତେକ କାର୍ଯ୍ୟର ଚାର୍ଜ ଦେଇନାହାନ୍ତି । ତାଙ୍କ ବଦଳରେ ଯେଉଁ ପିଇଓ ଦାୟତ୍ୱ ନେଲେ ତାଙ୍କୁ ମଧ ଅନୁରୂପ ଭାବେ ଜାଣିଶୁଣି କିଛି ଦିନ ପରେ ଅନ୍ୟ ପଞ୍ଚାୟତକୁ ବଦଳି କରାଯାଇଛି। ତେବେ ତୃତୀୟ ଜଣକ ଯେଉଁ ପିଇଓ ଦାୟିତ୍ୱ ନେଇଥିଲେ ତାଙ୍କୁ ଉନ୍ନୟନ କାମ ବାବଦରେ ପଚାରି କାର୍ଯ୍ୟ ଆରମ୍ଭ କରିବାକୁ ଯିବାବେଳକୁ ତାଙ୍କର ମଧ ଅନ୍ୟ ପଞ୍ଚାୟତକୁ ବଦଳି କରାଯାଇଛି । ଫଳରେ ପଞ୍ଚାୟତର ବର୍ତ୍ତମାନ ସୁଦ୍ଧା କୌଣସି ଉନ୍ନୟନମୂଳକ କାମ ହୋଇପାରୁନାହିଁ। ପୂର୍ବ ସରପଞ୍ଚଙ୍କ ସମୟରେ ଦୁଇଟି ବ୍ୟାଙ୍କରେ ଥିବା ପଞ୍ଚାୟତ ଟଙ୍କା କେତେ ଦୁଇଟି ବ୍ୟାଙ୍କ ଖାତାରେ ଅଛି ଓ ସେ ଟଙ୍କା କି କି କାର୍ଯ୍ୟ କାଇଁ ଆସିଥିଲା ତାହା ଯେଉଁ ପିଇଓ ଦାୟତ୍ୱ ନେଉଛନ୍ତି ସେମାନଙ୍କୁ ପଚାରିବା ବେଳକୁ ସେମାନେ ସେ ବାବଦରେ କହିପାରୁନାହାନ୍ତି। କାରଣ ପ୍ରଥମେ ଯେଉଁ ପିଇଓ ଥିଲେ ସେ ଏପର୍ଯ୍ୟନ୍ତ କୌଣସି ଦସ୍ତାବିଜ୍ ହସ୍ତାନ୍ତର କରିନାହାନ୍ତି ବୋଲି ସେମାନେ କିଛି ନୂତନ କାର୍ଯ୍ୟ କରିପାରୁନାହାନ୍ତି। ଫଳରେ ପଞ୍ଚାୟତରେ ଏପର୍ଯ୍ୟନ୍ତ କୌଣସି ନୂତନ କାର୍ଯ୍ୟ କରିହେଉ ନ ଥିବାରୁ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟମାନେ ସୋମବାର ବିଡିଓ ଗୌରାଙ୍ଗ ଘୋଷଙ୍କୁ ଦେଖା କରି ଦାବିପତ୍ର ଦେବା ନିମନ୍ତେ ଆସିଥିଲେ। ତେବେ ବିଡିଓଙ୍କୁ ନ ପାଇ ବ୍ଲକର ମୁଖ୍ୟ କିରାଣିଙ୍କୁ ଦାବିପତ୍ର ପ୍ରଦାନ କରି ବଦଳି ବନ୍ଦ କରିବାକୁ ନିବେଦନ କରିଛନ୍ତି। ଯଦି ବଦଳି ଆଦେଶ ବିଡିଓ ବନ୍ଦ ନ କରିବେ ତାହେଲେ ମଙ୍ଗଳବାର ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସରପଞ୍ଚ ମୀନତି ସେଠୀ, ୱାର୍ଡ ସଭ୍ୟା ସେବତୀ ବାରିକ, ଶଶଧର ନାୟକ, ରଶ୍ମୀରଞ୍ଜନ ରାଉତ, ମୀନତି ସାହୁ, ସବିତା ମହାଳିକ, ଉର୍ମିଳା ସାହୁ, ପତିତପାବନ ପାତ୍ର, ସଞ୍ଜୟ ପାତ୍ର ପ୍ରମୁଖ ପିଇଓଙ୍କ ବଦଳି ଆଦେଶ ବାତିଲ କରିବା ସହିତ ପୂର୍ବ ପିଇଓ ଯିଏ ଥିଲେ ତାଙ୍କୁ ତୁରନ୍ତ ପଞ୍ଚାୟତର କ୍ୟାସ ରେକର୍ଡ, ବ୍ୟାସ ବୁକ୍, ରିଜୋଲେସନ ଖାତା ଆଦି ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି ।



ବିଡିଓଙ୍କୁ ଦାବିପତ୍ର ଦେବାକୁ ଯାଇଥିବା କୁରୁଡା ସରପଞ୍ଚ ଓ ୱାର୍ଡ ସଭ୍ୟମାନେ।

